بسم اللہ الرحمٰن الرحیم

**ଖୁତବା ଜୁମା ୧୨ ଜୁନ୍ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

## *ଆଁହଜ୍ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍ରତ୍ ସଇଦ୍ ବିନ୍ ଜ୍ୱୈଦ୍ ର.ଅ ଓ ହଜ୍ରତ୍ ଅବଦ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ୍ଜିଜ୍ କହିଲେ: ଆଜି ମୁଁ ଯେଉଁ ବଦରୀ ସାହାବାମାନଙ୍କର ଚର୍ଚ୍ଚା କରିବି । ତନ୍ମଧ୍ୟରୁ ଯାହାଙ୍କର ପ୍ରଥମେ ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅ । ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅଙ୍କ ପିତାଙ୍କ ନାମ ଜ଼ୈଦ୍ ବିନ୍ ଉମରୋ ଓ ମାତାଙ୍କ ନାମ ଫାତିମା ବିନତ୍ ବାଯାଃ ଥିଲା । ହଜ଼ରତ୍ ସଇଦ୍ ର.ଅଙ୍କ ଗୋତ୍ର ଅଦି ବିନ୍ କାଆବ୍ ବିନ୍ ଲୁଇ ଥିଲା । ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅ ଦୀର୍ଘ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲେ ଏବଂ ତାଙ୍କ ଶରୀରର ରଙ୍ଗ ଗହମ ବର୍ଣ୍ଣ ଏବଂ ମୁଣ୍ଡରେ ଘନ କେଶ ଥିଲା । ସେ ହଜ଼ରତ୍ ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ଚଚା ପୁଅ ଭାଇ ଥିଲେ । ତାଙ୍କ ବଂଶର କ୍ରମ ଅଷ୍ଟମ ପିଢି କାଆବ୍ ବିନ୍ ଲୁଇଙ୍କ ଠାରେ ଯାଇ ଆଁହଜ଼ରତ୍ ସ.ଅଙ୍କ ସହିତ ମିଶି ଯାଉଥିଲା । ହଜ଼ରତ୍ ସାଇଦ୍ ର.ଅଙ୍କ ଭଉଣୀ ଆତିକାଙ୍କର ବିବାହ ହଜ଼ରତ୍ ଉମର୍ ର.ଅଙ୍କ ସହିତ ଏବଂ ହଜ଼ରତ୍ ଉମର୍ ର.ଅଙ୍କ ଭଉଣୀ ଫାତିମାଙ୍କ ବିବାହ ହଜ଼ରତ୍ ସଇଦ୍ ର.ଙ୍କ ସହିତ ହୋଇଥିଲା ଏବଂ ସେ ସେହି ଭଉଣୀ ଅଟନ୍ତି ଯିଏ ହଜ଼ରତ୍ ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର କାରଣ ସାଜିଥିଲେ । ହଜ଼ରତ୍ ସଇଦ୍ ର.ଅଙ୍କ ପିତା ଜ଼ୈଦ୍ ବିନ୍ ଉମରୋ ଇସ୍‌ଲାମ୍‌ର ଆଗମନ ପୂର୍ବରୁ ହିଁ ଏକେଶ୍ୱରବାଦର ଜଣେ ନୈଷ୍ଠିକ ଉପାସକ ଥିଲେ ଏବଂ କହୁଥିଲେ ଯେ, ଯିଏ ହଜ଼ରତ୍ ଇବ୍ରାହିମ୍ ଅ.ସଙ୍କ ଈଶ୍ୱର ଅଟନ୍ତି ସିଏ ମୋର ମଧ୍ୟ ଉପାସ୍ୟ ଅଟନ୍ତି ଏବଂ ଯାହା ହଜ଼ରତ୍ ଇବ୍ରାହିମ୍ ଅ.ସଙ୍କ ଧର୍ମ ଥିଲା ତାହା ହିଁ ମୋର ଧର୍ମ । ସେ କାଳରେ ମଧ୍ୟ ଏକେଶ୍ୱରବାଦୀ ଲୋକ ଉପସ୍ଥିତ ଥିଲେ । କେତେକ ପିଲାମାନେ ପ୍ରଶ୍ନ କରି ଦିଅନ୍ତି ଯେ, ଇସ୍‌ଲାମ୍ ପୂର୍ବରୁ ଆଁହଜ଼ରତ୍ ସ.ଅ କେଉଁ ଧର୍ମାବଲମ୍ବୀ ଥିଲେ, ସେ କାହାର ଉପାସନା କରୁଥିଲେ ? ତେବେ ଏହାର ଉତ୍ତରରେ ମନେ ରଖିବା ଉଚିତ୍ ଯେ, ଆଁହଜ଼ରତ୍ ସ.ଅ ତ' ସମସ୍ତ ଏକେଶ୍ୱରବାଦୀଙ୍କ ମଧ୍ୟରୁ ଶ୍ରେଷ୍ଠ ଏକେଶ୍ୱରବାଦୀ ଥିଲେ ଏବଂ ସେ କେବଳ ଏକ ଈଶ୍ୱରଙ୍କର ଉପାସନା କରୁଥିଲେ । ଜ଼ୈଦ୍ ବିନ୍ ଉମରୋ ପ୍ରତ୍ୟେକ ପ୍ରକାରର ପାପ ତଥା ଅପକର୍ମରୁ ଦୂରେଇ ରହୁଥିଲେ । ଏପରିକି ଅବିଶ୍ୱାସକାରୀଙ୍କର ଜେବହ୍ ଠାରୁ ମଧ୍ୟ ସେ ଦୂରେଇ ରହୁଥିଲେ ।

ଜ଼ୈଦ୍ ବିନ୍ ଉମରୋ ଆଁହଜ଼ରତ୍ ସ.ଅଙ୍କର ଯୁଗ ପାଇଥିଲେ କିନ୍ତୁ ହୁଜୁର୍ ସ.ଅଙ୍କ ଆବିର୍ଭୂତ ହେବା ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ହଜ଼ରତ୍ ଆମିର୍ ବିନ୍ ରବିୟା ବର୍ଣ୍ଣନା କରନ୍ତି ଯେ, ଏକଦା

ସେ ମୋତେ (ଅର୍ଥାତ୍ ସଇଦ୍ ବିନ୍ ଜ୍ୱୈଦ୍) କହିଲେ ଯେ, ହେ ଆମିର୍ ! ଦେଖ ମୋର ନିଜ ଜାତି ଭାଇଙ୍କ ସହିତ ମତ ପାର୍ଥ୍ୟକ ରହିଛି । ମୁଁ ଇବ୍ରାହିମ୍ ଅ.ସଙ୍କ ଧର୍ମର ଅନୁଗାମୀ ଅଟେ ଏବଂ ମୁଁ ଇସ୍‌ମାଇଲ୍ ଅ.ସଙ୍କ ବଂଶରୁ ଜଣେ ଆଗମନକାରୀ ନବୀ ପାଇଁ ଅପେକ୍ଷାରତ ରହିଛି । କିନ୍ତୁ ମୋତେ ଏହା ଆଭାସ ହେଉଛି ଯେପରି ମୋତେ ତା'ର ଯୁଗ ପ୍ରାପ୍ତ ହେବ ନାହିଁ ଯେ, ମୁ ତା'ର ପୁଷ୍ଟି କରିବି ଏବଂ ତା' ଉପରେ ବିଶ୍ୱାସ ଆଣିବି ଏବଂ ସାକ୍ଷୀ ଦେଇ ପାରିବି ଯେ, ସେ ଜଣେ ସତ୍ୟବାଦୀ ନବୀ । ହେ ଆମିର୍ ! ଯଦି ତୁମେ ସେହି ନବୀଙ୍କ ଯୁଗ ପାଅ ତେବେ ତାଙ୍କୁ ମୋର ସଲମା ଜଣାଇବ । ଆମିର୍ କହନ୍ତି ଯେ, ଯେତେବେଳେ ଆଁହଜ଼ରତ୍ ସ.ଅ ଆବିର୍ଭୂତ ହେଲେ ସେତେବେଳେ ମୁଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲି ଏବଂ ହୁଜୁର୍ ସ.ଅଙ୍କୁ ଜ୍ୱୈଦ୍ ବିନ୍ ଉମରୋ ର.ଅଙ୍କ ବାର୍ତ୍ତା ପହଞ୍ଚାଇଲି । ହୁଜୁର୍ ସ.ଅ ତାଙ୍କ ସଲାମ୍‌ର ଉତ୍ତର ଦେଲେ ଏବଂ ତାଙ୍କ ପାଇଁ ଦୟାବତୀର୍ଣ୍ଣ ହେବା ପାଇଁ ଦୁଆ କଲେ ଏବଂ କହିଲେ ଯେ, ମୁଁ ତାଙ୍କୁ ସ୍ୱର୍ଗରେ ଏହିପରି ଦେଖିଅଛି ଯେ, ସେ ଯେପରି ନିଜର ପଣତ କାନିରେ ତାହାକୁ ସାଉଁଟିଛନ୍ତି । ଜ୍ୱୈଦ୍ ବିନ୍ ଉମରୋ ନିଜକୁ ଏକେଶ୍ୱରବାଦର ଜଣେ ନୈଷ୍ଠିକ ଭକ୍ତ ମନେ କରି ଗର୍ବିତ ହେଉଥିଲେ ।

ସଇଦ୍ ବିନ୍ ମୁସୈବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜ୍ୱୈଦ୍ ବିନ୍ ଉମରୋଙ୍କ ମୃତ୍ୟୁ ରସୁଲୁଲ୍ଲାଃ ସ.ଅଙ୍କ ଆବିର୍ଭାବର ୫ ବର୍ଷ ପୂର୍ବେ ହୋଇଯାଇଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖେ ରହିଛି ଯେ, ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ଜ୍ୱୈଦ୍ ବିନ୍ ଉମରୋଙ୍କ ସଂପର୍କରେ ପଚରାଗଲା ସେତେବେଳେ ହୁଜୁର୍ ସ.ଅ କହିଲେ ଯେ, ତାଙ୍କୁ ପ୍ରଳୟ ଦିବସ ଦିନ ଏକାକୀ ଗୋଟିଏ ସଂପ୍ରଦାୟ ସଦୃଶ ଉଠାଯିବ ।

ହୁଜୁର୍ ଅନୱର୍ ଅ.ବ କହିଲେ ମୁଁ ଯେପରି ପୂର୍ବେ ଆଲୋଚନା କରି ସାରିଛି ଯେ, ହଜ଼ରତ୍ ସଇଦ୍ ବିନ୍ ଜ୍ୱୈଦ୍ ହଜ଼ରତ୍ ଉମରୋଙ୍କର ଭିଣୋଇ ଥିଲେ ଏବଂ ହଜ଼ରତ୍ ସଇଦ୍ ବିନ୍ ଜ୍ୱୈଦ୍ ର.ଅଙ୍କ ଭଉଣୀ ଆତିକା ହଜ଼ରତ୍ ଉମର୍ ର.ଅଙ୍କୁ ବିବାହ କରିଥିଲେ । ହଜ଼ରତ୍ ସଇଦ୍ ବିନ୍ ଜ୍ୱୈଦ୍ ଏବଂ ତାଙ୍କର ସ୍ତ୍ରୀ ହଜ଼ରତ୍ ଫାତିମା ବିନତ୍ ଖତ୍ତାବ୍ ଆଁହଜ଼ରତ୍ ସ.ଅଙ୍କ ଦାରେ ଅରକ୍‌ମ୍‌ରେ ପ୍ରବେଶ ହେବା ପୂର୍ବରୁ ବିଶ୍ୱାସ ନେଇ ଆସିଥିଲେ ଏବଂ ଯେପରି ପୂର୍ବେ ଚର୍ଚ୍ଚା ହୋଇଛି ଯେ, ହଜ଼ରତ୍ ସଇଦ୍ ର.ଅଙ୍କ ପତ୍ନୀ ହଜ଼ରତ୍ ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା କାରଣ ପାଲଟି ଥିଲେ ।

ପୁନଶ୍ଚ ହୁଜୁର୍ ଅନୱର ଅ.ବ କହିଲେ ହଜ଼ରତ୍ ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ବିଶ୍ୱାସବର୍ଦ୍ଧକ ଚାଞ୍ଚଲ୍ୟକର ଘଟଣା ସଂପର୍କରେ ବର୍ଣ୍ଣନା କରି ସାରିବା ପରେ କହିଲେ, ସେ ହଜ଼ରତ୍ ସଇଦ୍ ହିଁ ଥିଲେ ଯିଏ ହଜ଼ରତ୍ ଉମର୍ ର.ଅଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା କାରଣ ପାଲଟି ଥିଲେ । ରସୁଲୁଲ୍ଲାଃ ସ.ଅ ତାଙ୍କର ମିତ୍ରତା ହଜ଼ରତ୍ ରାଫେ ବିନ୍ ମାଲିକ୍ ସହିତ କରାଇଥିଲେ । ଏହାର ଅପର ପକ୍ଷରେ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହଜ଼ରତ୍ ଉବୈ ବିନ୍ କାଆବ୍‌ଙ୍କ ସହିତ ତାଙ୍କର ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ ।

ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ । ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅ ବଦର୍ ଯୁଦ୍ଧରେ ସାମିଲ୍ ନ ହେବାର କାରଣ ଏହା ହୋଇଥିଲା କି ଆଁହଜ଼ରତ୍ ସ.ଅ କୁରୈଶ୍‌ର ଏକ ବ୍ୟବସାୟୀ ଦଳ ସିରିୟାରୁ ପ୍ରସ୍ଥାନର ଆଭାସ ପାଇଥିଲେ । ତେବେ ହୁଜ୍ରୁର ସ.ଅ ମଦିନାରୁ ପ୍ରସ୍ଥାନ କରିବାର ୧୦ ଦିନ ପୂର୍ବରୁ ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅଙ୍କୁ କୁରୈଶ୍‌ର ଉକ୍ତ ଦଳର ସୂଚନା ଦେବା ପାଇଁ ପ୍ରେରଣ କରିଥିଲେ । ରସୁଲୁଲ୍ଲାଃ ସ.ଅଙ୍କୁ ହଜ଼ରତ୍ ତଲହା ଓ ହଜ଼ରତ୍ ସଇଦ୍ ର.ଅଙ୍କ ଫେରିବା ପୂର୍ବରୁ ହିଁ ଏହି ସମ୍ବାଦ ଜଣା ପଡ଼ି ଯାଇଥିଲା ଯେ, ସେହି ଦଳଟି ସେଠାରୁ ଅତିକ୍ରମ କରିଯାଇଛି । ହଜ଼ରତ୍ ତଲହା ବିନ୍ ଉବୈଦୁଲ୍ଲା ଏବଂ ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ମଦିନା ଅଭିମୁଖେ ବାହାରିଗଲେ ଯେ, ଯେପରି ରସୁଲୁଲ୍ଲାଃ ସ.ଅଙ୍କୁ କୁରୈଶ୍‌ର ଦଳ ସଂକ୍ରାନ୍ତରେ ସୂଚନା ଦେବେ । ସେହି ଦୁହିଁଙ୍କୁ ହୁଜ୍ରୁର୍ ସ.ଅଙ୍କ ବଦର୍ ଅଭିମୁଖେ ବାହାରିବାର କୌଣସି ସୂଚନା ନଥିଲା । ତେଣୁ ଏମାନେ ସେହି ଦିନ ମଦିନା ପହଞ୍ଚିଥିଲେ ଯେଉଁ ଦିନି ରସୁଲୁଲ୍ଲାଃ ସ.ଅ ବଦର୍ ଯୁଦ୍ଧରେ କୁରୈଶ୍‌ର ସୈନ୍ୟଦଳର ମୁକାବିଲା କରିଥିଲେ । ଏ ଦୁହେଁ ମଧ୍ୟ ଆଁହଜ଼ରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେବା ପାଇଁ ମଦିନାରୁ ବାହାରିଥିଲେ ଏବଂ ହୁଜ୍ରୁର୍ ସ.ଅଙ୍କ ବଦର୍ ଠାରୁ ପ୍ରତ୍ୟାବର୍ତ୍ତନ ପରେ ତରବାନ୍ ନାମକ ସ୍ଥାନରେ ଆଁହଜ଼ରତ୍ ସ.ଅଙ୍କୁ ଭେଟିଥିଲେ । ହଜ଼ରତ୍ ତଲହା ଏବଂ ହଜ଼ରତ୍ ସଇଦ୍ ଯୁଦ୍ଧରେ ସାମିଲ୍ ହେଲେ ନାହିଁ । କିନ୍ତୁ ରସୁଲୁଲ୍ଲାଃ ସ.ଅ ବଦର୍ ଯୁଦ୍ଧରୁ ପ୍ରାପ୍ତ ମାଲେ ଗନିମତ୍ (ବିଜୟ ଧନରତ୍ନ)ରୁ ତାଙ୍କୁ ମଧ୍ୟ ଭାଗ ଦେଇଥିଲେ ଏବଂ ଏ ଦୁହିଁଙ୍କୁ ବଦର୍ ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିବେଚିତ କରନ୍ତି ।

ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ଅଶ୍ରା ମୁବଶ୍ଶରା ଅର୍ଥାତ୍ ସେହି ୧୦ ଜଣ ସୌଭାଗ୍ୟଶାଳୀ ସାହାବା ଯେଉଁମାନଙ୍କୁ ଆଁହଜ଼ରତ୍ ସ.ଅ ନିଜ ପବିତ୍ର ତୁଣ୍ଡରୁ ଇହ ଧାମରେ ହିଁ ସ୍ୱର୍ଗର ଶୁଭସମ୍ବାଦ ଦେଇଥିଲେ । ହଜ଼ରତ୍ ଅବଦ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ ଅବୁ ବକ୍କର୍ ର.ଅ, ଉମର୍ ର.ଅ, ଉସମାନ୍ ର.ଅ, ଅଲୀ ର.ଅ, ତଲହା ବିନ୍ ଜ଼ୁବୈର୍ ର.ଅ, ଅବଦ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅ, ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ, ସଇଦ୍ ବିନ୍ ଜ଼ୈଦ୍ ର.ଅ ଏବଂ ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍ରାହ୍ ର.ଅଙ୍କ ମଧ୍ୟରୁ ଜଣେ, ଏ ସମସ୍ତେ (୧୦ ଜଣ) ହେଉଛନ୍ତି ସ୍ୱର୍ଗର ଅଧିକାରୀ ।

ହଜ଼ରତ୍ ଉମର୍ ର.ଅଙ୍କ ଖିଲାଫତ୍ କାଳରେ ସିରିୟାର ଯୁଦ୍ଧରେ ଯେତେବେଳେ ଔପଚାରିକ ରୂପେ ସୈନ୍ୟବାହିନୀ ପରସ୍ପର ସମ୍ମୁଖରେ ଦଣ୍ଡାୟମାନ ହେଲେ । ସେତେବେଳେ ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍, ହଜ଼ରତ ଅବୁ ଉବୈଦାଙ୍କ ଅଧୀନ ପଦାତିକ ଅଫିସର ଭାବରେ ସୈନ୍ୟଭାର ଗ୍ରହଣ କରିଥିଲେ। ଦମିସ୍କର ଘେରାଉ ଏବଂ ୟରମୁକ୍ ଯୁଦ୍ଧର ନିର୍ଣ୍ଣାୟକ ଯୁଦ୍ଧରେ ସେ ସାହସିକତାର ସହ ଏବଂ ନିର୍ଭୀକ ଭାବରେ ରଣ କ୍ଷେତ୍ରରେ ଶତ୍ରୁର ମୁକାବିଲା କରିଥିଲେ । ଯୁଦ୍ଧ ମସୟରେ ହଜ଼ରତ ସଇଦ୍ ବିନ୍ ଜ଼ୈଦ୍ ର.ଅଙ୍କୁ ଦମିସ୍କର ଗଭର୍ଣ୍ଣର ରୂପେ ନିଯୁକ୍ତ କରାଯାଇଥିଲା । କିନ୍ତୁ ସେ ହଜ଼ରତ୍ ଉବୈଦା ର.ଅଙ୍କୁ ଲେଖିଲେ ଯେ, ମୁଁ ଏପରି କରିପାରିବି ନାହିଁ କି ଆପଣମାନେ ଜିହାଦ୍ କରିବେ ଆଉ ମୁଁ ଯୁଦ୍ଧରୁ ବିରତ

ରହି ଏଠାରେ ବସି ରହିବି । ତେଣୁ ପତ୍ର ହସ୍ତଗତ ହେବା ମାତ୍ରେ ମୋ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପ୍ରେରଣ କରି ଦିଅନ୍ତୁ ଏବଂ ମୁଁ ଯଥାଶୀଘ୍ର ଆପଣଙ୍କ ନିକଟରେ ପହଞ୍ଚୁଛି ଏପରି ସେ ନିବେଦନ ପୂର୍ଣ୍ଣ ପତ୍ର ଲେଖିଥିଲେ । ସୁତରାଂ ହଜ଼ରତ୍ ଅବୁ ଉବୈଦା ଅବୁ ସୁଫିୟାନଙ୍କୁ ପଠାଇ ଦେଲେ ଏବଂ ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅ ସେହି ଯୁଦ୍ଧରେ ସାମିଲ୍ ହୋଇଗଲେ । ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅଙ୍କ ସମ୍ମୁଖରେ ଅନେକ ଧର୍ମ ସଙ୍କଟର ସମ୍ମୁଖୀନ ହୋଇଥିଲେ ଏବଂ ବିଂଶାଧିକ ଗୃହଯୁଦ୍ଧର ମଧ୍ୟ ସମ୍ମୁଖୀନ ହୋଇଥିଲେ ଏବଂ ଏପରି ପ୍ରତିତ ହେଉଥିଲା ଯେପରି ସେ ନିଜର ଧର୍ମପରାୟଣତା ଏବଂ ଧର୍ମନିଷ୍ଠତାକୁ ରକ୍ଷା କରିବାକୁ ଯାଇ ସମସ୍ତ ପ୍ରକାର କଳହରୁ ସର୍ବଦା ନିବୃତ୍ତ ରହୁଥିଲେ । ସେ ଯାହା ସପକ୍ଷରେ ବା ସଂପର୍କରେ ବି କୌଣସ ମତ ରଖୁଥିଲେ ତାହାକୁ ସେ ସ୍ୱାଧୀନତାର ସହିତ ପ୍ରକାଶ କରିବାରେ ବିଳମ୍ବ କରୁ ନଥିଲେ ।

ହଜ଼ରତ୍ ସଇଦ୍ ବିନ୍ ଜ଼ୈଦ୍ ର.ଅ ୫୦ କିମ୍ବା ୫୧ ହିଜରୀରେ ପ୍ରାୟ ୭୦ ବର୍ଷରେ ଜୁମା ଦିନ ମୃତ୍ୟୁ ବରଣ କରିଥିଲେ । କେତେକ ବର୍ଣ୍ଣନାନୁଯାୟୀ ମୃତ୍ୟୁବେଳେ ତାଙ୍କର ବୟସ ୭୦ରୁ ଉର୍ଦ୍ଧ୍ୱ ହୋଇଥିଲା । ମଦିନାର ସୀମାବର୍ତ୍ତୀ ଅଞ୍ଚଳରେ ଅକ଼ିକ୍ ନାମକ ସ୍ଥାନରେ ତାଙ୍କର ନିବାସ ସ୍ଥାନ ଥିଲା ଏବଂ ଆରବ ଉପ ମହାଦ୍ୱୀପରେ ଅକ଼ିକ୍ ନାମରେ ଏଭଳି ଅନେକ ପାର୍ବତ୍ୟାଞ୍ଚଳ ରହିଛି । ତନ୍ମଧ୍ୟରୁ ଅକ଼ିକ୍ ହେଉଛି ମଦିନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯାହାକି ମଦିନାର ଦକ୍ଷିଣ ପଶ୍ଚିମରୁ ଅବସ୍ଥିତ ଏବଂ ଉତ୍ତର ପୂର୍ବ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ତହିଁରେ ମଦିନା ମୁନୱରାର ସମସ୍ତ ପାର୍ବତ୍ୟାଞ୍ଚଳ ଆସି ମିଶି ଯାଇଥାଏ । ସେ ଯାହା ହେଉ ନା କାହିଁକି ହଜ଼ରତ୍ ଅବଦୁଲ୍ଲା ବିନ୍ ଅମ୍ର ଜୁମା ପାଇଁ ପ୍ରସ୍ତୁତ ହେଉଥିଲେ। ଯେତେବେଳେ ସେ ହଜ଼ରତ୍ ସଇଦ୍ ର.ଅଙ୍କ ବିୟୋଗ ବାର୍ତ୍ତା ଶୁଣିଲେ ସେତେବେଳେ ସେ ଜୁମାକୁ ଗଲେ ନାହିଁ ବରଂ ସେହି କ୍ଷଣେ ଅକ଼ିକ୍ ଅଭିମୁଖେ ବାହାରିଗଲେ । ହଜ଼ରତ୍ ସଆଦ୍ ବିନ୍ ଅବି ୱକ଼ାସ୍ ହଜ଼ରତ୍ ସଇଦ୍ ର.ଅଙ୍କୁ ମର ଶରୀରକୁ ସ୍ନାନ ଦେଇଥିଲେ ଏବଂ ତାଙ୍କର ପବିତ୍ର ଶବକୁ ଲୋକମାନେ କାନ୍ଧ ଉପରେ ରଖି ମଦିନା ଆଣିଥିଲେ । ଏହାପରେ ହଜ଼ରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ହଜ଼ରତ୍ ସଇଦ୍ ବିନ ଜ଼ୈଦ୍ ର.ଅଙ୍କ ନମାଜ଼୍ ଯନାଜ଼ାଃ ପଢେଇଥିଲେ ଏବଂ ମଦିନା ଠାରେ ତାଙ୍କୁ କବର ଦିଆ ଯାଇଥିଲା । ହଜ଼ରତ୍ ସଇଦ୍ ବିଭିନ୍ନ ପରିସ୍ଥିତିରେ ୧୦ଟି ବିବାହ କରିଥିଲେ ଏବଂ ସେହି ପତ୍ନୀଙ୍କ ଗର୍ଭରୁ ୧୩ ଜଣ ପୁତ୍ର ଏବଂ ୧୯ ଜଣ କନ୍ୟା ଜାତ ହୋଇଥିଲେ ।

ପରବର୍ତ୍ତୀ ସାହାବିଙ୍କର ସଂକ୍ଷିପ୍ତ ଚର୍ଚ୍ଚା କରି ଦେଉଛି ଯାହାଙ୍କ ନାମ ହେଉଛି ହଜ଼ରତ୍ ଅବଦୁର୍ ରହମାନ୍ ବିନ୍ ଔଫ୍ ର.ଅ । ହଜ଼ରତ୍ ଅବଦୁର୍ ରହମାନ୍ ବିନ୍ ଔଫଙ୍କ ନାମ ଅନ୍ଧକାରମୟ ଯୁଗରେ ଅବ୍ଦେ ଅମ୍ର ଥିଲା ଏବଂ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଅବଦୁଲ୍ କାଆବା ଥିଲା । ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପରେ ଆଁହଜ଼ରତ୍ ସ.ଅ ତାଙ୍କ ନାମ ପରିବର୍ତ୍ତନ କରି ଅବଦୁର୍ ରହମାନ୍ କରିଥିଲେ । ସେ ବନୁ ଜ଼ୋହରା ବିନ୍ କିଲାବ୍ ଗୋତ୍ରୀୟ ଥିଲେ । ସହଲା ବିନତ୍ ଆସିମ୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବଦୁର୍ ରହମାନ୍ ବିନ୍ ଔଫ୍ ଧବଳ ଏବଂ ସୁନ୍ଦର ଚକ୍ଷୁଷ୍ମାନ୍ ବ୍ୟକ୍ତି ଥିଲେ, ଦୀର୍ଘ ଯୁଗଳ ନୟନ

ପଲକ, ଲମ୍ବା ନାସିକା ବିଶିଷ୍ଟ ବ୍ୟକ୍ତି ଥିଲେ । ତାଙ୍କର ସମ୍ମୁଖ ଉପରିସ୍ଥ ଦାନ୍ତଗୁଡ଼ିକ ତୀକ୍ଷ୍ଣ ଓ ଦୀର୍ଘ ଥିଲା। ତାଙ୍କ କର୍ଣ୍ଣର ନିମ୍ନ ଭାଗ ପର୍ଯ୍ୟନ୍ତ କେଶ ରହିଥିଲା, ପାପୁଲି ଦ୍ୱୟ ଶକ୍ତ ଏବଂ ଆଙ୍ଗୁଠିଗୁଡ଼ିକ ମୋଟା ଥିଲା ।

ହଜ଼ରତ୍ ଅବଦ୍ଧୁର୍ ରହମାନ୍ ବିନ୍ ଔଫ୍ ସେହି ୧୦ ଜଣ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯାହାଙ୍କୁ ସ୍ୱର୍ଗର ଅଧିବାସୀ ହେବାର ଶୁଭ ସମ୍ବାଦ ମିଳି ଯାଇଥିଲା । ସେ ଶୁରାର ସେହି ୬ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯାହାଙ୍କୁ ହଜ଼ରତ ଉମର୍ ର.ଅଙ୍କ ଖଲିଫା ରୂପେ ନିର୍ବାଚିତ ହେବା ପାଇଁ ନିଯୁକ୍ତ କରାଯାଇଥିଲା ଏବଂ ସେହି ଲୋକମାନଙ୍କ ସଂପର୍କରେ ହଜ଼ରତ୍ ଉମର୍ ର.ଅ କହିଲେ ଯେ ରସୁଲୁଲ୍ଲାଃ ସ.ଅ ନିଜର ବିୟୋଗ ସମୟରେ ସେହି ସମସ୍ତ ସାହାବାଙ୍କ ଉପରେ ପ୍ରସନ୍ନିତ ଥିଲେ । ହଜ଼ରତ୍ ଅବଦ୍ଧୁର୍ ରହମାନ୍ ବିନ୍ ଔଫ୍ ଆମୁଲ୍ ଫିଲ୍ ଘଟଣାର ୧୦ ବର୍ଷ ପରେ ଜନ୍ମଗ୍ରହଣ କରିଥିଲେ। ହଜ଼ରତ୍ ଅବଦ୍ଧୁର୍ ରହମାନ୍ ବିନ୍ ଔଫ୍ ସେହି ସ୍ୱଳ୍ପ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ଅନ୍ଧକାରମୟ ଯୁଗରେ ମଧ ଦ୍ରାକ୍ଷାରସ (ମଦ)କୁ ନିଜ ଉପରେ ନିଷିଦ୍ଧ କରିଥିଲେ । ହଜ଼ରତ୍ ଅବଦ୍ଧୁର୍ ରହମାନ୍ ବିନ୍ ଔଫ୍ ପ୍ରାରମ୍ଭିକ ୮ ଜଣ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ସହୀ ବୁଖାରୀରେ ବର୍ଣ୍ଣିତ ହୋଇଛି ଯେ, ହଜ଼ରତ୍ ଅବଦ୍ଧୁର୍ ରହମାନ୍ ବିନ୍ ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆମେମାନେ ମଦିନାକୁ ଆସିଲୁ ସେତେବେଳେ ରସୁଲୁଲ୍ଲାଃ ସ.ଅ ମୋତେ ଓ ସାଆଦ୍ ବିନ୍ ରବି ର.ଅଙ୍କୁ ପରସ୍ପରର ଭାଇ କରି ଦେଇଥିଲେ । ବର୍ତ୍ତମାନ କିଛି କାଳ ହୋଇଥିବ କି ହଜ଼ରତ ଅବଦ୍ଧୁର ରହମାନ୍ ଆସିଲେ ଏବଂ ତାଙ୍କ ଉପରେ ଜ଼ାଫରାନ୍ (କେଶର)ର ଚିହ୍ନ ଥିଲା । ତେବେ ରସୁଲୁଲ୍ଲାଃ ସ.ଅ ପ୍ରଶ୍ନ କଲେ ଯେ, କ'ଣ ତୁମେ ବିବାହ କରିଛି ? ଅବଦ୍ଧୁର୍ ରହମାନ୍ ଉତ୍ତର ଦେଲେ ଆଜ୍ଞା ହଁ । ହୁଜୁର୍ ସ.ଅ କହିଲେ କାହାକୁ ବିବାହ କରିଛ ? ଅବଦ୍ଧୁର୍ ରହମାନ୍ ଉତ୍ତର ଦେଲେ ଯେ, ଅନ୍‌ସାର୍‌ର ଜଣେ ନାରୀକୁ ବିବହା କରିଛି । ହୁଜୁର୍ ସ.ଅ କହିଲେ କେତେ ମେହେର୍ ଦେଇଛି ? ସେ ଉତ୍ତର ଦେଲେ ଯେ, ଏକ ଟାକୁଆ ସଦୃଶ ସୁନା । ନବୀ କରୀମ୍ ସ.ଅ କହିଲେ ଯେ, ତାହାହେଲେ ଗୋଟିଏ ଛେଳି ହେଉ ପଛେ ୱଲିମା (ପ୍ରିତୀଭୋଜନ) କର । ହଜ଼ରତ୍ ଅବଦ୍ଧୁର୍ ରହମାନ୍ ବିନ୍ ଔଫ୍ ର.ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ସାମିଲ୍ ଥିଲେ ।

.....................................

KHULASA KHUTBA JUMA HUZOOR ANWAR a.b.a

12th June 2020

........................